ସମ୍ବାଦ
ତାରିଖ: ୨୮.୦୯.୨୦୨୫

# ବିଆଇଆଇଟିଏମ୍ ପକ୍ଷରୁ ଜସନ୍-୨୦୨୫ ଅନୁଷ୍ଠିତ

ଚନ୍ଦ୍ରଶେଖରପୁର, ୨୭/୯ (ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର 'ଜସନ-୨୦୨୫' ରେଳ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଫଳତାକୁ ପାଳନ କରିବା ତଥା ଆଗାମୀ ବର୍ଷମାନଙ୍କ ପାଇଁ କିଛି ନୂଆ ଯୋଜନା କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଡିନ୍ ପ୍ରଫେସର ଚିନ୍ମୟ କୁମାର ଦାସ ଓ ପରାମର୍ଶଦାତା ପ୍ରତାପରୁଦ୍ର ପଟ୍ଟନାୟକ ନେତୃତ୍ୱ ଗଠନରେ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଆଇଆଇଆଇଟିର ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ବିପିୟୁଟି ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ଅନୁଷ୍ଠାନର ସଫଳତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ସଞ୍ଜୀବ କୁମାର ଦେ ଓ ପ୍ରଫେସର ଦେବବ୍ରତ ଶର୍ମାଙ୍କ ଦ୍ୱାରା ଲିଖିତ ଜିଏସ୍‌ଟି ଓ ଅନ୍ୟାନ୍ୟ ପରୋକ୍ଷ ଟିକସ, ସୀମା ଶୁଳ୍କ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ପ୍ରଫେସର କେ. ଚନ୍ଦ୍ରଶେଖର ଧନ୍ୟବାଦ ଦେଇଥିଲେ।